# ପିଲାଙ୍କ ଧରିତ୍ରୀ

ଶନିବାର, ୧୯ ଫେବୃୟାରୀ, ୨୦୨୨



# ଖିଲି ଖିଲି ହସ

**(ପିଙ୍କୁକୁ ଶିକ୍ଷକଙ୍କ ପ୍ରଶ୍ନ...)**

**ଶିକ୍ଷକ:** ପିଙ୍କୁ, କହିଲୁ! ଶ୍ରେଣୀରେ କାହିଁକି ଝଗଡ଼ା କରିବା ଉଚିତ ନୁହେଁ?

**ପିଙ୍କୁ(ହସି ହସି):** ସାର୍! କଥା କ'ଣ କି, ପରୀକ୍ଷା ସମୟରେ କିଏ କେତେବେଳେ କାହା ପାଖରେ ବସିବୁ, ତାହା ଆମେ ଜାଣିନୁ ନା...ସେଥିପାଇଁ ଶ୍ରେଣୀରେ ଝଗଡ଼ା କରିବା ଆଦୌ ଠିକ୍ ନୁହେଁ।

**(ଶିକ୍ଷକ ଓ ସୋନୁ ମଧ୍ୟରେ କଥାବାର୍ତ୍ତା...)**

**ଶିକ୍ଷକ:** ସୋନୁ, ତୁମେ ଗଣିତରେ ଫେଲ୍ ହୋଇଛ।

**ସୋନୁ:** ସାର୍! ମୁଁ କ'ଣ କରିବି। ସବୁ ଭୁଲ୍ ତ ଆପଣଙ୍କର।

**ଶିକ୍ଷକ(ରାଗିଯାଇ):** ଆରେ ତୋ ଫେଲ୍ ପାଇଁ ମୁଁ କ'ଣ କଲି?

**ସୋନୁ:** ସାର୍! ଆପଣ ତ ସବୁବେଳେ ଭୁଲ୍ ପଢ଼ାଉଛନ୍ତି। କେତେବେଳେ କହୁଛନ୍ତି ୪ ରେ ୪ ମିଶିଲେ ୮, କେତେବେଳେ ୫ ରେ ୩ ମିଶିଲେ ୮ ତ ଆଉ କେତେବେଳେ ୬ ରେ ୨ ମିଶିଲେ ୮। ମୁଁ ତ ସେଥିପାଇଁ ବେଳେବେଳେ କନ୍‌ଫ୍ୟୁଜ୍ ହୋଇଯାଉଛି କୋଉଟା ଲେଖିବି।

**(ବୁନୁର ବାପାଙ୍କୁ ପ୍ରଶ୍ନ...)**

**ବୁନୁ:** ବାପା! ତମେ ତ କହିଥିଲ, ସମୟ ମଣିଷକୁ ସବୁ ଶିଖେଇ ଦିଏ।

**ବାପା:** ହଁ, କ'ଣ ହେଲା କି? ମୁଁ ତ କିଛି ଭୁଲ୍ କହିନି।

**ବୁନୁ:** ତମେ ବାପା ଠିକ୍ କହିଛ ଯେ, ହେଲେ ମୁଁ ବୁଝିପାରୁନି, ମୋତେ ସମୟ ଏ ପର୍ଯ୍ୟନ୍ତ ପଞ୍ଚମ ଶ୍ରେଣୀରେ କେମିତି ପାସ୍ କରିବା କାହିଁକି ଶିଖେଇ ପାରୁନି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ବୁଦ୍ଧିଆ କଇଁଛ

## ଗପ

ଗୋଟିଏ ଗାଁ ଥାଏ। ସେହି ଗାଁରେ ରହୁଥିବା ସବୁ ଲୋକ ପ୍ରାୟତଃ ନିର୍ବୁଦ୍ଧିଆ। ଭଗବାନଙ୍କ ଉପରେ ଭରସା ରଖି ସେମାନେ ଜୀବନ ବିତାଉଥାନ୍ତି। ହେଲେ ସେମାନେ ଏତେ ଭୟାଳୁ ପ୍ରକୃତିର ଥାଆନ୍ତି ଯେ ସାମାନ୍ୟ ଗୋଟେ ନୂଆ ବସ୍ତୁ କି ପ୍ରାଣୀକୁ ଦେଖିଲେ ମୁଣ୍ଡରେ ଆକାଶ ଛିଡ଼ିପଡ଼ିଲା ପରି ଅନୁଭବ କରନ୍ତି।

ଦିନକର କଥା। ସେହି ଗାଁର କିଛି ଚାଷୀ ନଦୀକୂଳରେ ଘାସ କାଟୁଥାନ୍ତି। ସେତିକିବେଳେ ସେମାନେ ଦେଖିଲେ ଗୋଟେ ବଡ଼ କଇଁଛ ନଦୀରେ ପହଁରି ପହଁରି କୂଳଆଡ଼କୁ ଆସୁଛି। ଦେଖୁ ଦେଖୁ କଇଁଛ କୂଳକୁ ଆସି ଭୂଇଁରେ ଚାଲିବାକୁ ଲାଗିଲା।

ଗାଁ ଲୋକେ ଆଗରୁ କେବେ କଇଁଛ ଦେଖି ନ ଥିଲେ। ତାକୁ ଦେଖିବା କ୍ଷଣି ସଭିଏଁ ଭୟରେ କାତର ହୋଇ ଥରିବାକୁ ଲାଗିଲେ।

କିଛି ଲୋକ ଚିତ୍କାର କରି ଗାଁ ଭିତରକୁ ଦୌଡ଼ିଲେ। ଆଉ ସମସ୍ତଙ୍କୁ ଡାକି ଡାକି କହିଲେ, ସମସ୍ତେ ଯଥାଶୀଘ୍ର ନଦୀ କୂଳକୁ ଚାଲ। ଗୋଟେ ଭୟଙ୍କର ଜୀବ ଆମ ଗାଁ ଭିତରକୁ ପଶି ଆସିଛି। ତା'ପରେ ଗାଁ ଲୋକେ ଛୁରି, ଲାଠି, ଖଣ୍ଡା, ଦାଆ, କୁରାଢ଼ି ଧରି ନଦୀ କୂଳରେ ପହଞ୍ଚିଗଲେ।

କେହି କଇଁଛକୁ ଦୈତ୍ୟ ଭାବୁଥାଏ, କେହି ଭୂତ, ପ୍ରେତ ତ ଆଉ କେହି ଅନ୍ୟ ଗ୍ରହର ଦୁଷ୍ଟ ପ୍ରାଣୀ ବୋଲି ଭାବୁଥାନ୍ତି। ଲୋକେ ହାତରେ ମାରଣାସ୍ତ୍ର ଧରି ରୁଣ୍ଡ ହୋଇଥିବାର ଦେଖି କଇଁଛ ଭୟାତୁର ହୋଇ କହିଲା, ମୁଁ ଆପଣମାନଙ୍କର କିଛି ଅନିଷ୍ଟ କରିବି ନାହିଁ, ମୋତେ ମାରନାହିଁ।

କଇଁଛର ଅନୁନୟ ଶୁଣି ନିର୍ବୁଦ୍ଧିଆ ଗ୍ରାମବାସୀଙ୍କ ମୁଖିଆ ଚିତ୍କାର କରି କହିଲା, ତୁ ଆମ ଆଗରେ ଆଉ ଚାଲାକି ଦେଖାନା, ତୋତେ ମାରିସାରିବା ପରେ ଯାହା ହେବ ଦେଖିବା।

କଇଁଛ ଜାଣିଗଲା ଏଭଳି ମେଣ୍ଢାମାନଙ୍କୁ ବୁଝେଇବା ବେକାର। ସେ ମନେ ମନେ ଭାବିଚିନ୍ତି ଏକ ଯୋଜନା ପ୍ରସ୍ତୁତ କରି କହିଲା, ହଉ ଯାହା ଆପଣମାନଙ୍କର ଇଚ୍ଛା ସେଇୟା କରନ୍ତୁ। ହେଲେ ମୋର ଗୋଟେ ପ୍ରାର୍ଥନା ମୋତେ ନିଆଁରେ ଜଳେଇ ଦିଅନ୍ତୁ କି ଛୁରିରେ ମାରି ଦିଅନ୍ତୁ ଅଥବା କୁରାଢ଼ି ଦ୍ୱାରା ହାଣି ଗଡ଼ ଗଡ଼ କରିଦିଅନ୍ତୁ

କିନ୍ତୁ ଦୟାକରି ମୋତେ ପାଣିରେ ଫିଙ୍ଗିବ ନାହିଁ।



କଇଁଛଠାରୁ ଏଭଳି କଥା ଶୁଣିବା କ୍ଷଣି ନିର୍ବୁଦ୍ଧିଆ ଗ୍ରାମର ମୁଖିଆ ଆଖି ନଚେଇ ନଚେଇ କହିଲା, ଓହୋ! ତା'ହେଲେ ଏମନ୍ତ କଥା। ତୁ କୌଣସି ହାତହତିଆରରେ ମରିବୁ ନାହିଁ ଏଇ ନଦୀ ପାଣିରେ ମରିବୁ। ଆରେ, ସମସ୍ତେ ଆଁ କରି ଚାହିଁଛ କ'ଣ? ଆସ, ସଭିଏଁ ଏକାସାଙ୍ଗରେ ଏଇଟାକୁ ଉଠେଇ ନଦୀରେ ଫିଙ୍ଗିଦେବା।

ବୁଦ୍ଧିହୀନ ମୁଖିଆର ଆଦେଶ ମାନି ଗାଁ ଲୋକେ ମିଳିମିଶି କଇଁଛକୁ ଉଠେଇ ଖୁବ୍‌ଜୋରରେ ନଦୀ ଭିତରକୁ ଫୋପାଡ଼ିଦେଲେ।

ଚତୁର କଇଁଛ ନଦୀରେ ପଡ଼ିବା ମାତ୍ରେ ଯଥାଶୀଘ୍ର ଗଭୀର ପାଣି ଭିତରକୁ ଚାଲିଗଲା। ନିର୍ବୁଦ୍ଧିଆ ଗ୍ରାମବାସୀଙ୍କଠାରୁ ନିଜକୁ ରକ୍ଷା କରିପାରିଥିବାରୁ ନିଜକୁ ଖୁବ୍ ଧନ୍ୟ ମଣିଲା। ତେଣୁ ବୁଦ୍ଧି ଥିଲେ ବଳୁଆ ଲୋକଙ୍କୁ ବି ସହଜରେ ପରାସ୍ତ କରାଯାଇ ପାରିବ।

**-ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪, ସଲଟ୍ ଲେକ୍, କୋଲକାତା
ମୋ:୯୬୮୧୩୭୩୫୧୨

# ମତାମତ

➲ ପିଲାଙ୍କ ଧରିତ୍ରୀରେ ପ୍ରକାଶିତ 'ତୁମ ତୂଳୀରୁ' ସ୍ତମ୍ଭଟି ସବୁବେଳେ ଆକର୍ଷଣୀୟ ଲାଗୁଛି।

**-ନବଜ୍ୟୋତି ଦାସ, ବାର୍‌କୋଟ, ଦେବଗଡ଼**

➲ 'ପରିବେଶ ସୁରକ୍ଷା' ଉପରେ ପ୍ରକାଶ ପାଇଥିବା ପାଠଟିରୁ ପରିବେଶ ଏବଂ ଗ୍ରେଟା ଥନ୍‌ବର୍ଗଙ୍କ ବିଷୟରେ ଜାଣିବାକୁ ମିଳିଲା।

**-ପ୍ରବୀର ଦାସ, କୁଚିଣ୍ଡା, ସମ୍ବଲପୁର**

➲ 'ଆଇନା' ସ୍ତମ୍ଭରେ ବାହାରୁଥିବା ପିଲାମାନଙ୍କ ଫଟୋ ସୁନ୍ଦର ଲାଗୁଛି।

**-ବର୍ଷାରାଣୀ ବେହେରା, ହେମଗିରି, ସୁନ୍ଦରଗଡ଼**

➲ 'ଗପ' ସ୍ତମ୍ଭରେ ସବୁବେଳେ ଶିକ୍ଷଣୀୟ ଗପ ବାହାରୁ ଥିବାରୁ ପଢ଼ିବାକୁ ଭଲ ଲାଗୁଛି।


**-ସାହିଲ୍ ପାତ୍ର, ବୋରିଗୁମ୍ମା, କୋରାପୁଟ**

➲ ନୂଆ ନୂଆ ବିଷୟରେ ସବୁବେଳେ 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ସ୍ଥାନିତ ହେଉଛି। ଏହା ପିଲାଙ୍କ ପାଇଁ ବେଶ୍ ଫଳପ୍ରଦ ହୋଇପାରୁଛି।

**- ବିନୋଦିନୀ ବେହେରା, ଆଳି, କେନ୍ଦ୍ରାପଡ଼ା**

# ଓଡ଼ିଶାର ପଚାଶ ସ୍ୱାଧୀନତା ସଂଗ୍ରାମୀ

**ତୁମ ପଢ଼ିବା ପାଇଁ**




କୁନି କୁନି ପିଲାଙ୍କ ପଢ଼ିବା ପାଇଁ ପ୍ରକାଶ ପାଇଛି ପୁସ୍ତକ 'ଓଡ଼ିଶାର ପଚାଶ ସ୍ୱାଧୀନତା ସଂଗ୍ରାମୀ'। ପୁସ୍ତକର ନାଁ ଅନୁସାରେ ଏଥିରେ ଓଡ଼ିଶାର ୫୦ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସଂକ୍ଷିପ୍ତ ଜୀବନୀ ଫଟୋ ସହିତ ପ୍ରକାଶ ପାଇଛି। ଲେଖକ ପ୍ରଫେସର ଶିବଚରଣ ନାୟକ ପିଲାଙ୍କ ମନକୁ ପାଇଲା ଭଳି ସରଳ ଭାଷାରେ ପୁସ୍ତକଟିକୁ ରଚନା କରିଛନ୍ତି। ବହିରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ବାଜି ରାଉତ, ଚାଖି ଖୁଣ୍ଟିଆ, ବିର୍ସା ମୁଣ୍ଡା, ମାଳତି ଦେବୀ, ସରଳା ଦେବୀ, ପାର୍ବତି ଗିରି ଆଦି ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ସେମାନଙ୍କ ବଳିଦାନ ସମ୍ପର୍କରେ ଅନେକ କଥା ବର୍ଣ୍ଣନା ହୋଇଛି। ବହିଟିର କଭର ମଧ୍ୟ ଆକର୍ଷଣୀୟ। ପିଲାଙ୍କ ପାଇଁ ଉପାଦେୟ ଏହି ପୁସ୍ତକଟିର ମୂଲ୍ୟ ରହିଛି ୧୫୦ ଟଙ୍କା।

ଯୋଗାଯୋଗ- ମାରୁତି ପ୍ରିଣ୍ଟେଜ୍ ଇଣ୍ଡଷ୍ଟ୍ରି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

# ଚଗଲା ଭୀମ୍ବୁ




# ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ପେନ୍‌ରୁ ପ୍ଲେନ୍, ମୋବାଇଲ୍‌ରୁ ମିସାଇଲ୍–ସବୁଠି ରହିଛି ବିଜ୍ଞାନର ପଦଚିହ୍ନ। ଏଡ୍‌ୱାର୍ଡ ଟେଲରଙ୍କ ମତରେ, 'ଆଜିର ବିଜ୍ଞାନ ହେଉଛି ଆସନ୍ତାକାଲିର ଟେକ୍ନୋଲୋଜି।' ଆଉ ଏହି ଟେକ୍ନୋଲୋଜି ହିଁ ବିକାଶର ଆଧାରଶୀଳା। ତେଣୁ ବିଜ୍ଞାନ ପ୍ରତି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ପାଇଁ ସ୍କୁଲଗୁଡ଼ିକରେ ହୋଇଥାଏ ବିଜ୍ଞାନ ମେଳାର ଆୟୋଜନ । ତେବେ ନିଜେ କିଛି ନୂଆ ପ୍ରୋଜେକ୍ଟ କରି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସମ୍ମାନିତ ହୋଇଥିବା କେତେଜଣ ଶିଶୁ ବୈଜ୍ଞାନିକଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...



# ନୂଆ ପ୍ରକଳ୍ପ ନୂଆ ସମ୍ଭାବନା

## ସେଲ୍ଫ ଆଲର୍ଟିଙ୍ଗ୍ ସାଲାଇନ୍ ଆଲାର୍ମ




ଡାକ୍ତର ହୁଅନ୍ତୁ କିମ୍ବା ନର୍ସ, ବେଳେବେଳେ ଏମାନଙ୍କର ଅନ୍ୟମନସ୍କତା ଯୋଗୁ ରୋଗୀମାନଙ୍କ ଜୀବନ ବିପଦରେ ପଡ଼ିଥାଏ। ଆପଣମାନେ ହୁଏତ ଶୁଣିଥିବେ, ଜଣେ ରୋଗୀର ସାଲାଇନ୍ ଯେତେବେଳେ ସରିଯାଏ, ସେତେବେଳେ ଶରୀରରୁ ରକ୍ତ ପୁଣି ସାଲାଇନ୍ ବଟଲ୍ ଭିତରକୁ ଚାଲିଆସେ। କେବେ କେବେ ଏଥିପାଇଁ ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ। ତେଣୁ ଏହାକୁ ରୋକିବା ପାଇଁ କଳାହାଣ୍ଡି ଜିଲା ମାଦିଗୁଡ଼ାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ବିକାଶ ରଣା ଉକ୍ତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ''ସେଲ୍ଫ ଆଲର୍ଟିଙ୍ଗ୍ ସାଲାଇନ୍ ଆଲାର୍ମ' ନାମକ ଏକ ପ୍ରକଳ୍ପ କରି ଜାତୀୟ ଏବଂ ଅନ୍ତର୍ଜାତୀୟ(ଜାପାନରେ) ସ୍ତରରେ ଉଚ୍ଚପ୍ରଶଂସିତ ଓ ପୁରସ୍କୃତ ହୋଇ ପାରିଛନ୍ତି। ଏହି ପ୍ରକଳ୍ପ ପାଇଁ ସେ ସ୍ପ୍ରିଙ୍ଗ୍ ବାଲାନ୍ସ ସାଲାଇନ୍ ବୋତଲ, ସାଲାଇନ୍ ପାଇପ୍, କଲିଙ୍ଗ୍ ବେଲ୍, ବ୍ୟାଟେରି, କିଛି ତା'ର ଓ ଏକ ସୁଇଚ୍‌କୁ ବ୍ୟବହାର କରିଥିଲେ। ସାଲାଇନ୍ ପୂର୍ଣ୍ଣ ଥିଲାବେଳେ ସାଲାଇନ୍ ବୋତଲର ଓଜନ ପାଇଁ ଏହା ତଳକୁ ଥାଏ, ହେଲେ ସାଲାଇନ୍ ସରି ଆସିଲାବେଳକୁ ଏହା ସହ ସଂଯୁକ୍ତ ଥିବା ସୁଇଚ୍‌ଟି ଅଟୋମେଟିକ୍ ଅନ୍ ହୋଇ କଲିଙ୍ଗ୍ ବେଲ୍‌ଟି ବାଜି ଉଠେ। ଯାହାକି ନର୍ସଙ୍କୁ ରୋଗୀର ବେଡ୍ ନମ୍ବର ସହ ରୁମ୍ ନମ୍ବରର ସୂଚନା ଦେଇଥାଏ। ଫଳରେ ସାଲାଇନ୍ ସରିବା ପୂର୍ବରୁ ଏହାକୁ ପରିବର୍ତ୍ତନ କରିହୁଏ ଓ ରୋଗୀକୁ ବିପଦ ମୁହଁରୁ ବଞ୍ଚାଇହୁଏ।

ବିକାଶ ଅନ୍‌ଲାଇନ୍‌ରେ ବିଜ୍ଞାନ ସମ୍ପର୍କିତ ଏକ ପରୀକ୍ଷା ଦେଇ ସଫଳ ହେଲା ପରେ ୫୦୦୦ ଟଙ୍କା ପୁରସ୍କାର ପାଇଥିଲେ। ଆଉ ସେହି ଟଙ୍କାରେ ସେ ପ୍ରୋଜେକ୍ଟ କରି ଏହାକୁ ଫିଜିକାଲି ଡିସ୍‌ପ୍ଲେ କରିଥିଲେ। ସେ ଜିଲା, ରାଜ୍ୟ ସ୍ତରୀୟ ସହିତ ଦିଲ୍ଲୀରେ ଆୟୋଜିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜାପାନ ଯିବାକୁ ଯୋଗ୍ୟ ବିବେଚିତ ହୋଇ ପାରିଥିଲେ। ସେଠାରେ ୭ ଦିନ ରହି ଅନେକ ସେମିନାର୍, ମିଟିଙ୍ଗ୍ ଓ କନ୍‌ଭୋକେଶନ୍‌ରେ ଭାଗ ମଧ୍ୟ ନେଇଥିଲେ। ଶେଷ ଦିନ ସାର୍ଟିଫିକେଟ୍ ଓ ଅର୍ଥରାଶି ଦେଇ ତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ସଫଳତା ପଛରେ ଅଭିଭାବକ ଓ ନିଜ ଗାଇଡ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

## ଟଚିଙ୍ଗ୍ ସ୍ଲେଟ୍ ଫର୍ ଦି ବ୍ଲାଇଣ୍ଡ

ଦୃଷ୍ଟିହୀନ ପିଲାମାନେ ବ୍ରେଲି ଲେଟର୍ ବ୍ୟବହାର କରି ଅକ୍ଷର ପଢ଼ିପାରୁଥିବା ବେଳେ କୌଣସି ଚିତ୍ରର ଆକାର କିମ୍ବା ଆକୃତିକୁ ଜାଣିପାରନ୍ତି ନାହିଁ। ସେଥିପାଇଁ କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ପୁଙ୍ଗାରର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ କେ. ନୁନୁସା 'ଟଚିଙ୍ଗ୍ ସ୍ଲେଟ୍ ଫର୍ ଦ ବ୍ଲାଇଣ୍ଡ' ନାମକ ଏକ ପ୍ରକଳ୍ପ କରି ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଜଣେ ଦୃଷ୍ଟିହୀନ ପିଲା କିପରି ବିଭିନ୍ନ ଆକାରକୁ ଜାଣିପାରିବ, ତାହା ଦର୍ଶାଇଛନ୍ତି। ଏଥିପାଇଁ ତାଙ୍କୁ ସ୍କୁଲର ବିଜ୍ଞାନ ଶିକ୍ଷକ



ବିକାଶ କୁମାର ସାହୁ ସାହାଯ୍ୟ କରିଥିଲେ। ପ୍ଲାଏ, ଭେଲ୍‌କ୍ରୋ, ପୁରୁଣା ପେନ୍, ଛୋଟ କଣ୍ଟେନର୍, ରବର ପୁଲି, ସାଇକେଲ୍ ସ୍ପୋକ୍ ଏବଂ କିଛି ଉଲ୍ ବ୍ୟବହାର କରି ସେ ଏହାକୁ ପ୍ରସ୍ତୁତ କରିଥିଲେ। ସେ ପ୍ରତିବର୍ଷ ବିଜ୍ଞାନମେଳାରେ ଭାଗ ନେଉଥିବା ବେଳେ ଗତ ବର୍ଷ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ ୭୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରରେ ଭାଗ ନେଲେ। ସେଠାରେ ସଫଳ ହୋଇ ରାଜ୍ୟସ୍ତରରେ ମଧ୍ୟ ପୁରସ୍କୃତ ହୋଇ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେଲେ, ଯାହାକି ଅନ୍‌ଲାଇନରେ ଅନୁଷ୍ଠିତ ହୋଇଥିଲା। ତେବେ ଗାଇଡ୍ ଟିଚରଙ୍କ ସହ ମା'ବାପା ଏବଂ ଭଉଣୀମାନଙ୍କ ସପୋର୍ଟ ପାଇଁ ଆଜି ଏହି ସଫଳତା ହାସଲ କରିପାରିଛି ବୋଲି ଖୁସି ପ୍ରକାଶ କରି କହନ୍ତି ନୁନୁସା।

## ଥାର୍ଡ ଆଇ ଆଣ୍ଡ ସେଫ୍ଟି ଭେଇକିଲ୍

ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଅଧିକ ସଂଖ୍ୟକ ଗାଡ଼ି ଦୁର୍ଘଟଣା ରାତିରେ ହିଁ ଘଟୁଛି, ଆଉ ତାହାର ମୁଖ୍ୟ କାରଣ ହେଉଛି ହେଡ୍ ଓ ଡିପର୍ ଲାଇଟ୍‌ର ପରିଚାଳନା। ତେଣୁ ଦୁର୍ଘଟଣାକୁ ରୋକିବା ପାଇଁ ନୟାଗଡ଼ ଜିଲା ଭାପୁରସ୍ଥିତ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ୯ମ ଶ୍ରେଣୀ ଛାତ୍ରୀ ପ୍ରତ୍ୟାଶା ମଲ୍ଲିକ 'ଥାର୍ଡ ଆଇ ଆଣ୍ଡ ସେଫ୍ଟି ଭେଇକିଲ୍' ନାମକ ଏକ ପ୍ରୋଜେକ୍ଟ କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଯାହାଙ୍କୁ ଗାଇଡ୍ କରିଥିଲେ ସେହି ସ୍କୁଲର ବିଜ୍ଞାନ ଶିକ୍ଷକ ନିତ୍ୟାନନ୍ଦ ଦାସ। ରାତିରେ ଗାଡ଼ି ଚଲାଇବା ବେଳେ ହେଡ୍‌ଲାଇଟ୍ ଲାଗିଥିଲେ ବିପରୀତ ଦିଗରୁ ଆସୁଥିବା ଗାଡ଼ିଚାଳକଙ୍କୁ ଆଗ ରାସ୍ତା ଦେଖା ଯାଉ ନ ଥିବାରୁ ଦୁର୍ଘଟଣା ଘଟିଥାଏ । ଯାହାକୁ ଏଡ଼େଇବା ପାଇଁ ପ୍ରତ୍ୟେକ ଗାଡ଼ିରେ ସେ ଏକ 'ଫଟୋ ଲାଇଟ୍ ସେନ୍ସର୍' ଲଗାଇ ଏହାକୁ ଏକ 'କଣ୍ଟ୍ରୋଲ୍ ସର୍କିଟ୍ ବୋର୍ଡ' ସହ ସଂଯୋଗ କରିଥିଲେ। ଫଳରେ ରାତିରେ ଡ୍ରାଇଭିଙ୍ଗ୍ ବେଳେ ଯଦି କେହି ଭୁଲ୍‌ବଶତଃ ହେଡ୍‌ଲାଇଟ୍ ଦେଇଛନ୍ତି ଏବଂ ସେହି ଗାଡ଼ିରେ ସେନ୍ସର୍ ରହିଛି ତେବେ ଏହା ଆପେ ଆପେ 'ହେଡ୍'ରୁ 'ଡିପର୍' ହୋଇଯିବ ଓ ଆଗକୁ ରାସ୍ତା ଠିକ୍ ଭାବେ ଦେଖାଯିବ। ଏଥିସହ ଭାରିଯାନଗୁଡ଼ିକର ଆଗରେ ଥିବା ଲାଇଟ୍‌ରୁ ଚକ ପର୍ଯ୍ୟନ୍ତ ଥିବା ଖାଲି ସ୍ଥାନକୁ ସେ ମଧ୍ୟ 'ପୁସିଙ୍ଗ୍ ଫାଇବର୍ ସିଷ୍ଟମ' ଦ୍ୱାରା ଆବୃତ୍ତ କରିଥିଲେ। ଫଳରେ ଏଥିରେ କୌଣସି ଛୋଟ ଗାଡ଼ି ଧକ୍କାହେଲେ ଚାଳକ ଚକା ତଳକୁ ନ ପଶି ବାହାରେ ପଡ଼ିବା ଦ୍ୱାରା ଜୀବନ ବଞ୍ଚିଯାଇପାରେ। ଏହି ପ୍ରକଳ୍ପଟିକୁ କରିବାରେ ସେ ଗୁଗୁଲ୍ (ନେଟ୍)ର ସାହାଯ୍ୟ ନେଇଥିଲେ। ସେ କୁହନ୍ତି, ଯେହେତୁ ସ୍କୁଲ୍‌ରେ ବିଜ୍ଞାନ ମେଳା ଲାଗି ଗମନାଗମନ ସମ୍ବନ୍ଧିତ ବିଷୟବସ୍ତୁ ଦିଆଯାଇଥିଲା ସେଥିପାଇଁ ଗୁଗୁଲ୍‌ରୁ ବାଛିଥିବା ଅନେକ ପ୍ରକଳ୍ପ ମଧ୍ୟରୁ ଶେଷରେ ଗାଇଡ୍ ଟିଚରଙ୍କ ସହ ଆଲୋଚନା କରି ଏହାକୁ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଥିଲି। ଏହା ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ ମୋତେ ବେଶ୍ ଖୁସି ମିଳୁଛି। ତେବେ ମୋ ସଫଳତାର ଶ୍ରେୟ ପରିବାରବର୍ଗଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକମାନଙ୍କୁ ଦେବି।



– ମୋନାଲୀ ସାହୁ

୧



**ଚିନ୍ମୟୀ ଦାସ**
କ୍ଲାସ–୫, ବିବେକାନନ୍ଦ ପବ୍ଲିକ୍ ସ୍କୁଲ, ଲକ୍ଷ୍ମୀସାଗର, ଭୁବନେଶ୍ୱର

୨

**ଓମ୍ ସାଗର ଦାଶ**
କ୍ଲାସ– ୭, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର



୩



**ଶାଶ୍ୱତ ଖଣ୍ଡୁଆଳ**
କ୍ଲାସ–୩, ଅକ୍ସଫୋର୍ଡ ମଡେଲ ପବ୍ଲିକ ସ୍କୁଲ, ଚକେଇସିହାଣୀ, ଭୁବନେଶ୍ୱର

୪

**ପ୍ରକାଶ ଚଲାନ**
କ୍ଲାସ– ୧, ନୂତନ ପ୍ରାଥମିକ ବିଦ୍ୟାଳୟ, ଖଲିଆପାଲି, ବରଗଡ଼



୫



**ରୂପାଲୀ ସାହୁ**
କ୍ଲାସ–୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଙ୍କୀ, କଟକ

୬

**ସାଇନା ପଟ୍ଟନାୟକ**
କ୍ଲାସ– ୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୁଲେଇଲୋ, ଆଠଗଡ଼, କଟକ



୭



**ଅସୀମା ରାଣୀ ପଟ୍ଟନାୟକ**
କ୍ଲାସ–୧, ଲିଟିଲ୍ ଫ୍ଲାୱାର ସ୍କୁଲ, ଗାନ୍ଧିନଗର, ବଲାଙ୍ଗିର

୮

**ଶିବାଙ୍ଗୀ ବିଶ୍ୱାସ**
କ୍ଲାସ–୨, ସାଇ ଆଙ୍ଗନ ସ୍କୁଲ, ପଟିଆ, ଭୁବନେଶ୍ୱର



୯



**ସାଦ୍ୟାନ୍ତ ଶତପଥି**
କ୍ଲାସ–୩, ମଦର୍ଶ ପବ୍ଲିକ ସ୍କୁଲ, ପୁରୀ

୧୦

**ଆଦ୍ୟା ମହାପାତ୍ର**
କ୍ଲାସ–୪, ପ୍ରଭୁଜୀ ଇଂଲିଶ ମିଡ଼ିୟମ୍ ସ୍କୁଲ, ଭୁବନେଶ୍ୱର





୧



୨



୩




୪



୫



୬




୭



୮



୯



୧୦

# ଶିଶୁ ପ୍ରତିଭା

## ଅଲ୍‌ରାଉଣ୍ଡର ଆୟାଁଶ

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଶ୍ୱନାଥପୁରରେ ରହୁଥିବା ମା' ଗାୟତ୍ରୀ ଏବଂ ବାପା ସନ୍ଦୀପ କୁମାର ମିଶ୍ରଙ୍କ ପୁଅ ଆୟାଁଶ। ଡାକ ନାମ ପୁପୁଲ୍ ନାଁରେ ସେ ବେଶ୍ ପରିଚିତ। ଅଳ୍ପ ବୟସରୁ ହିଁ ନୃତ୍ୟ ଓ ଅଭିନୟ କ୍ଷେତ୍ରରେ ନିଜର ଝଲକ ଦେଖାଇ ଦର୍ଶକଙ୍କଠାରୁ ସାଉଁଟିଛନ୍ତି ଅନେକ ପ୍ରଶଂସା। ତେବେ ଚିତ୍ରାଙ୍କନ ଓ ବକ୍ତୃତାରେ ରହିଛି ବିଶେଷ ରୁଚି। ବର୍ତ୍ତମାନ ସେ ଯାଜପୁର ରୋଡ୍‌ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍‌ରେ ଷ୍ଟାଣ୍ଡାର୍ଡ ୩ର ଛାତ୍ର। ପାଠପଢ଼ା ବ୍ୟତୀତ ସେ ନୃତ୍ୟ, କରାଟେ, କମ୍ପ୍ୟୁଟର କୋଡ୍ ପ୍ରୋଗ୍ରାମିଂ ଆଦିରେ ମଧ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ସ୍କୁଲ୍ ସ୍ତରୀୟ ଫ୍ୟାନ୍ସି ଡ୍ରେସ୍, ଲଙ୍ଗ୍ ଜମ୍ପ୍, ଦୌଡ଼, ରାଇମ୍ସ, ଗଳ୍ପ, ହସ୍ତଶିଳ୍ପ କାରିଗରି ଓ ଇଂରାଜୀ ବକ୍ତୃତା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ସ୍ୱାଧୀନତା ଦିବସରେ ଆୟୋଜିତ ହିନ୍ଦୀ ବକ୍ତୃତା, ଇଂଲିଶ ଗଳ୍ପ ଓ ରାଖୀ ତିଆରି କରିବା ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ହୋଇ ପୁରସ୍କୃତ ହୋଇଛନ୍ତି। ସ୍ୱଚ୍ଛ ପୁରୀ ଲୋଗୋ ମେକିଂ ପ୍ରତିଯୋଗିତାରେ ଭାଗ ନେଇ ପୁରୀ ଜିଲାପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। କଳିଙ୍ଗନଗର ମହୋତ୍ସବ, ସୌରୀକ ମହୋତ୍ସବରେ ନୃତ୍ୟ ପ୍ରଦର୍ଶନ କରି ସାଉଁଟିଛନ୍ତି ପ୍ରଶଂସା ଓ ପୁରସ୍କାର। ଯାଜପୁର ରୋଡ୍ ତଥା ଆଖପାଖ ବିଭିନ୍ନ ଅନୁଷ୍ଠାନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ନୃତ୍ୟ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। କେବଳ ଏତିକି ନୁହେଁ ଛତିଶଗଡ଼ର ଭିଲାଇରେ ଆନ୍ତଃରାଜ୍ୟ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ନିକଟରେ ସେ ଏକ ଓଡ଼ିଆ ଫିଲ୍ମରେ ମଧ୍ୟ ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଛନ୍ତି। ଆଧୁନିକ ପ୍ରତିଯୋଗିତାମୂଳକ ଯୁଗ ସହ ତାଳ ଦେଇ ସବୁ ପରିସ୍ଥିତିର ଠିକ୍ ମୁକାବିଲା କରିବା ପାଇଁ ପାଠ ପଢ଼ିବା ସହିତ ନିଜ ଭିତରେ ରହିଥିବା ଈଶ୍ୱର ପ୍ରଦତ୍ତ ପ୍ରତିଭାକୁ ଶାଣିତ କରିବା ତାଙ୍କର ଲକ୍ଷ୍ୟ। ତେବେ ନିଜ ସଫଳତା ପଛରେ ମା'ବାପା ଓ ଶିକ୍ଷକଙ୍କ ଆଶୀର୍ବାଦ ରହିଥିବା ଆୟାଁଶ କହିଛନ୍ତି।



# ଏଥରର

- 'ଜଙ୍ଗଲବୁକ୍' ଗଳ୍ପରେ ମୋଗଲିର ପ୍ରିୟ ବନ୍ଧୁ ଭାଲୁର ନାଁ କ'ଣ ?
- 'ପୋପାଏ-ଦି ସେଲର୍' କାର୍ଟୁନ୍‌ରେ ପୋପାଏ ସବୁବେଳେ କ'ଣ ଖାଉଥିବାର ଦେଖାଯାଏ ?
- 'ଟମ୍ ଆଣ୍ଡ ଜେରୀ' କାର୍ଟୁନ୍‌ର ପ୍ରଥମ ଏପିସୋଡ୍‌ରେ ସେମାନଙ୍କର ନାମ କ'ଣ ଥିଲା ?
- 'ଦି ଲାୟନ୍ କିଙ୍ଗ' ଆନିମେଟେଡ୍ ଫିଲ୍ମରେ ମୁଖ୍ୟ ଚରିତ୍ରରେ ଥିବା ସିଂହର ନାମ କ'ଣ ?
- 'ସ୍କୁବି-ଡୁ' କାର୍ଟୁନ ସିରିଜ୍‌ରେ ସ୍କୁବିର ପୂରା ନାଁ କ'ଣ ?

## ଗତଥରର ଉତ୍ତର

- ଉଡ୍ରେନ୍ ଲି ଭେରିର୍
- ଶୁକ୍ର
- ସିରେସ୍
- ମଙ୍ଗଳ
- ବୃହସ୍ପତିର ଗ୍ୟାନିମିଡ



# ଗିନିଜ୍ ୱାର୍ଲ୍ଡ ରେକର୍ଡ

କଲିକତାର ଦଶ ବର୍ଷ ବୟସ୍କ ରେୟାନ୍ସ ଦାସ କୁନି ଅଥର୍ ଭାବେ ଜଣାଶୁଣା। ଏହି ବୟସରେ ଜ୍ୟୋତିର୍ବିଜ୍ଞାନର ଏକ ପୁସ୍ତକ ଲେଖି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ଉକ୍ତ ବହିର ନାମ 'ଦି ୟୁନିଭର୍ସ: ଦି ପାଷ୍ଟ, ଦି ପ୍ରେଜେଣ୍ଟ ଆଣ୍ଡ ଦି ଫ୍ୟୁଚର୍'। ଏତେ କମ୍ ବୟସରେ ଏହି ବହି ଲେଖି ସେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ଏହାଛଡ଼ା ସେ ବ୍ରହ୍ମାଣ୍ଡର ଭବିଷ୍ୟତ, ଆଲବର୍ଟ ଆଇନଷ୍ଟାଇନ ଏବଂ ଆଇଜାକ୍ ନ୍ୟୁଟନଙ୍କ ଥିଓରି ମଧ୍ୟରେ ପାର୍ଥକ୍ୟ, ନକ୍ଷତ୍ରର ଜୀବନଚକ୍ର ଉପରେ ମଧ୍ୟ ଉଲ୍ଲେଖ କରିଛନ୍ତି। ରେୟାନ୍ସଙ୍କ ମାଆ କୁହନ୍ତି ଯେତେବେଳେ ରେୟାନ୍ସ ୫ବର୍ଷ ବୟସର ହୋଇଥିଲା ସେ ତାରା, ନକ୍ଷତ୍ର ବିଷୟରେ ଜାଣିବାକୁ ଭଲ ପାଉଥିଲା। ବୟସ ବଢ଼ିବା ସାଙ୍ଗକୁ ସେ ଜ୍ୟୋତିର୍ବିଜ୍ଞାନର ବହି ପଢ଼ିବାକୁ ଲାଗିଲା। ପୁଅର ଇଚ୍ଛା ଦେଖି ଆମେ ମଧ୍ୟ ପ୍ରେରଣା ଦେଇଥିଲୁ। ରେୟାନ୍ସ କୁହନ୍ତି, ଲକ୍‌ଡାଉନ୍ ସମୟରେ ମୁଁ ଏହି ବହି ଲେଖିଥିଲି। ଦ୍ୱିତୀୟ ବହି ଗଣିତଶାସ୍ତ୍ର ଉପରେ ଲେଖିବି। ଭବିଷ୍ୟତରେ ସେ ମହାକାଶଚାରୀ ହେବା କିମ୍ବା ଏକ ନୂତନ ଗ୍ରହ ଆବିଷ୍କାର କରିବେ ବୋଲି ଆଶାବାଦୀ ଅଛନ୍ତି।

## କୁନି ଅଥର୍ ରେୟାନ୍ସ




# କବିତା



## ଲଗାଇବା ଗଛ

ହଇରେ ପିଲାଏ କଅଣ କଲ
ଭାବିଲନି କେହି ମନ୍ଦ କି ଭଲ
ଗଛ ଦେଲ ସବୁ କାଟି
ଗଛ ନାହିଁ ବୋଲି ବରଷା ହେଉନି
ଫାଟି ଆଁ କରେ ମାଟି।
ଧୀରେ ଧୀରେ ଯାଏ ଜଙ୍ଗଲ କମି
ତିଆରି ହେଉଛି ଚାଷର ଜମି
ଗଛରେ ଲଗେଇ ନିଆଁ
ପୋଡ଼ିକି ପାଉଁଶ କରୁଛି ମଣିଷ
ଜାଣୁ ଜାଣୁ ସବୁ କିଆଁ ?
ଗଛ ଦିଏ ପରା ଅମଳଜାନ
ତେଣୁ ମୋର ଛୋଟ କଥାଟି ମାନ
ସଭିଏଁ ମିଶିକି ଆସ
ଗଛ ଲଗେଇବା ମୁଣ୍ଡପିଛା ଗଣି
ବାଛି ଅନାବନା ଘାସ।

**-ଶିଶିର କୁମାର ପଣ୍ଡା**
କୁଆଁସ, ମେରଦା କାଟିଆ,
ଯାଜପୁର

## ଆସଇ ବସନ୍ତ

ସରି ସରି ଆସେ କାକର ଶୀତ
ଆସଇ ଧରାରେ ମଧୁ ବସନ୍ତ।
ଫୁଲରେ ଫୁଲରେ ଝରେ ମକରନ୍ଦ
ବହିଲାଣି ଧୀରେ ମଳୟ ମରୁତ।
କଅଁଳ ପତରେ ହସେ ଲତାକୁଞ୍ଜ
ପ୍ରକୃତିର ଶୋଭା ଦିଶେ ଅପରୂପ।
ଋତୁରାଜ ସେ ଯେ ବୋଲାଏ ବସନ୍ତ
ପରାଣେ ପରାଣେ ଜଗାଏ ପୁଲକ।

**-ଅର୍ଚ୍ଚନା କର**
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର

## ଶପଥ ନେବା

ଗୋଟିଏ ଦିନ ଡାଳେ ଝୁଲନ୍ତି
ଫୁଲଟେ ହୋଇ ମୁହିଁ
ଚଉଦିଗକୁ ବାସ ଦିଅନ୍ତି
ସବୁରି ମନ ଛୁଇଁ।
ଗୋଟିଏ ଦିନ ମହୁମାଛି ମୁଁ
ହୁଅନ୍ତି ଯଦି ସତେ
ଜୀବନ ସାରା ମହୁ ସଂଗ୍ରହ
କରନ୍ତି ଲୋକ ହିତେ।
ଗୋଟିଏ ଦିନ ହୁଅନ୍ତି ଯଦି
ମୁଁ ଏକ କ୍ଷୁଦ୍ର ନଈ
ସବୁରି ମନୁ ଶୋଷ ହରନ୍ତି
ଶୀତଳ ଜଳ ଦେଇ।
ଗୋଟିଏ ଦିନ ଝରଣା ହୋଇ
ଝରନ୍ତି ଗୀତ ଗାଇ
ସେ ଗୀତ ଶୁଣି ଦୁଃଖ ଯାତନା
ଦୂରେ ପଳାନ୍ତା କାହିଁ।
ଗୋଟିଏ ଦିନ ବୀର ସୈନିକ
ହୋଇ ଏ ଦେଶ ସେବା
କରିବା ପାଇଁ ଆମେ ସଭିଏଁ
ଆସ ଶପଥ ନେବା।

**-ଶରତ ଚନ୍ଦ୍ର ଜାଲି**
ପଥରା, ଖଲ୍ଲିକୋଟ, ଗଞ୍ଜାମ




# କହିଲ ଦେଖି

ଶିରେ ଜଟା ଆଉ ଦେହ ଫୁଙ୍ଗୁଳା
ବକଳଧାରୀ ସେ ନୁହେଁ ନଙ୍ଗଳା
ରୁଣ୍ଡ ହୁଅନ୍ତି ସେ ଯୋରନ୍ଦା ମେଳା
ଅନ୍ନ ନ ଖାଆନ୍ତି ସେ ରାତି ବେଳା
ମାଘ ପୂର୍ଣ୍ଣିମାରେ ଏକାଠି ହୋଇ
ଶୂନ୍ୟ ମନ୍ଦିରରେ ଦୀପ ଲଗାଇ
ଝାଡ଼ଜଳା ବୋଲି କହନ୍ତି ସେହି
କିଏ ଇଏ କେହି ଦେବ କି କହି ?



ଉତ୍ତର- **ମହିମା ସନ୍ନ୍ୟାସୀ**

ନୁହେଁ ଛତା କି ବର୍ଷାତି
ସନ୍ନ୍ୟାସୀ ଧରନ୍ତି ଯେ ନିତି
ତାଳପତ୍ର ବାହୁଙ୍ଗାରେ ଗଢ଼ା
ଶିରରେ ରଖନ୍ତି ସେ ତେଢ଼ା,
ସାମାନ୍ୟ ଛାଇ ଦିଏ ସିଏ
ନାମଟି କହିବ କି କିଏ ?



ଉତ୍ତର- **ତାଳପତ୍ର ଛତ୍ରୀ**

ମନ୍ଦିର ରଙ୍ଗଟି ଅଟେ ଧବଳ
ସର୍ପ ଫଣା ଟେକି ଥାଏ ତା ଚୂଳ
ଦିଅଁ କି ଦେବତା ନାହିଁ ଭିତର
ବରଷକୁ ଥରେ ଖୋଲେ ତା ଦ୍ୱାର
ଅଛି ଏ ମନ୍ଦିର ମହିମା ଧାମ
କହିଲ ଦେଖି କେ ଏହାର ନାମ ?



ଉତ୍ତର- **ଶୂନ୍ୟମନ୍ଦିର**

**-ଦୀନବନ୍ଧୁ ପୋଇ**
ଗୋରଡ଼ା ପାଳ, ଢେଙ୍କାନାଳ
ମୋ: ୯୯୩୮୦୨୪୧୨

# ଜଣା ଅଜଣା



### ସିଟି ଅଫ୍ ଟେମ୍ପଲ୍ସ ଆଣ୍ଡ ଫେଷ୍ଟିଭାଲ୍ସ

'ସିଟି ଅଫ୍ ଟେମ୍ପଲ୍ସ ଆଣ୍ଡ ଫେଷ୍ଟିଭାଲ୍ସ' ଭାବେ ତାମିଲନାଡୁର ମଦୁରାଇ ପ୍ରସିଦ୍ଧ। ୧୦୦ରୁ ଅଧିକ ମନ୍ଦିର ଏଠାରେ ରହିଥିବା ବେଳେ ପୋଙ୍ଗଲ ଏଠାକାର ମୁଖ୍ୟ ପର୍ବ ଭାବେ ଜଣାଶୁଣା। ପୂର୍ବରୁ ମଦୁରାଇ ପାଣ୍ଡ୍ୟ ବଂଶର ରାଜଧାନୀ ଥିଲା। 'ଦ ସ୍ଲିପ୍‌ଲେସ୍ ସିଟି' ଭାବେ ମଧ୍ୟ ଏହା ବେଶ୍ ପରିଚିତ ଓ ଲୋକପ୍ରିୟ।



### ଦୂରରୁ ବାସ୍ନା ବାରିପାରେ ଭାଲୁ

ଭାଲୁମାନେ ବହୁତ ବୁଦ୍ଧିଆ ହୋଇଥାନ୍ତି। ଏମାନଙ୍କର ସ୍ମରଣଶକ୍ତି ଅଧିକ ଥିବାରୁ ଏହା ସେମାନଙ୍କୁ ଶିକାର କରିବାରେ ସାହାଯ୍ୟ କରେ। ଏମାନେ ଭଲ ଭାବେ ଦେଖିପାରନ୍ତି, ଶୁଣିପାରନ୍ତି ଓ ବାସ୍ନା ମଧ୍ୟ ବାରିପାରନ୍ତି। ମାଇଲ୍ ମାଇଲ୍ ଦୂରରେ ଏମାନଙ୍କର ଶିକାର କିମ୍ବା କୌଣସି ପାଚିଲା ଫଳ ଥିଲେ ଏହାକୁ ସହଜରେ ବାରିପାରନ୍ତି।

### ଭୂକମ୍ପ ରେକର୍ଡ

୧୯୫୦ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ–ଚାଇନା ବର୍ଡରରେ ସବୁଠୁ ବଡ଼ ଧରଣର ଭୂମିକମ୍ପ ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଥିଲା ୮.୬, ଯେଉଁଥିରେ ପ୍ରାୟ ୧୫୩୦ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏବେ ଭାରତର ଜମ୍ମୁ–କଶ୍ମୀର, ଗୁଜରାଟ ଏବଂ ଆସାମରେ ସବୁଠୁ ଅଧିକ ଭୂମିକମ୍ପ ହେଉଥିବା ଜଣାଯାଏ।




### ହଂସଶୂନ୍ୟ ମହାଦେଶ

ହଂସମାନଙ୍କ ଶରୀରରେ ପ୍ରାୟ ୨୫ ହଜାରରୁ ଅଧିକ ପର ଥାଏ। ଏମାନେ ଘଣ୍ଟାକୁ ୩୦ ମାଇଲ୍ ଯାଏ ଉଡ଼ିପାରନ୍ତି। ପୁରୁଷ ହଂସକୁ 'କବ୍' କୁହାଯାଉଥିବା ବେଳେ ମହିଳା ହଂସକୁ 'ପେନ୍' କୁହାଯାଏ। ଆଫ୍ରିକା ଏବଂ ଆଣ୍ଟାର୍କଟିକା ମହାଦେଶରେ ଗୋଟିଏ ହେଲେ ବି ହଂସ ଦେଖାଯାଆନ୍ତି ନାହିଁ।



### ଅଧିକ ବର୍ଷ ବଞ୍ଚୁଥିବା ପ୍ରାଣୀ

କଇଁଛମାନଙ୍କର ସବୁଠୁ ଖାସ୍ କଥା ହେଉଛି ଏମାନେ ବହୁ ବର୍ଷ ଯାଏ ବଞ୍ଚିପାରନ୍ତି। 'ହାରିଟ୍' ନାମକ କଇଁଛ ପ୍ରାୟ ୧୭୫ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିଲା ବୋଲି ବିଶ୍ୱାସ କରାଯାଏ, ଯାହାର ମୃତ୍ୟୁ ଅଷ୍ଟ୍ରେଲିଆ ଜୁ'ରେ ୨୦୦୬ ମସିହାରେ ହୋଇଥିଲା। ଏମାନେ ସବୁ ପରିବେଶ ସହ ଖାପଖୁଆଇ ରହିପାରନ୍ତି।



# ଆ ଇ ନା



ତସ୍‌ନିମ୍ ସୁଲତାନା
ବୟସଃ ୧୨ ବର୍ଷ
ପୁରୀ



ଆୟୁସ୍ମିତା ଖୁଣ୍ଟିଆ
ବୟସଃ ୧୦ ବର୍ଷ
ଭୁବନେଶ୍ୱର

ଏସ୍. ଓଜସ୍ୱୀ କର
ବୟସଃ ୭ ବର୍ଷ
ଖୋର୍ଦ୍ଧା

